### ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ

# ପୁତୁରାର ଠେଙ୍ଗା ମାଡ଼ରେ ଖୁଡ଼ୀ ମୃତ

ତୁରୁମୁଙ୍ଗା, ୧୮ ।୪(ସମିସ)





କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରୁଢ଼ିଆପଡା ଗ୍ରାମର ଖଡିବେଡା ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ଖୁଡ଼ୀ କୌଶଲ୍ୟା ମହାନ୍ତ(୫୬)ଙ୍କୁ ପୁତୁରା ବିଦ୍ୟାଧର ମହାନ୍ତ (୫୮) ଠେଙ୍ଗାରେ ପିଟିପିଟି ନିର୍ମମ ଭାବରେ ହତ୍ୟା କରିଛି। ଘଟଗାଁ ପୁଲିସ ଅଭିଯୁକ୍ତ ପୁତୁରା ବିଦ୍ୟାଧର ମହାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତିରେ ବିଦ୍ୟାଧର ମଦ ନିଶାରେ ଘରକୁ ଆସିବା ପରେ ଜମିବାଡ଼ି ଘଟଣାକୁ ନେଇ ଖୁଡ଼ୀ ସହ ଝଗଡା କରିଥିଲା। ପରେ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ କୌଶଲ୍ୟାଙ୍କୁ ନିର୍ମମ ଭାବରେ ପିଟି ପିଟି ଘର ନିକଟରେ ପକାଇ ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ କୌଶଲ୍ୟାଙ୍କୁ ପାଟଣା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଘଟଗାଁ ପୋଲିସ ମୃତଦେହକୁ ଜବତ କରି ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ ପୁଅ ସଞ୍ଜୟ ମହାନ୍ତ ଅଭିଯୋଗ କରିବା ପରେ ଘଟଗାଁ ଥାନାରେ ପୁଲିସ ୨୩୨ /୨୬ରେ ଏକ ମାମଲା ରୁଜୁ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଠେଙ୍ଗାକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ତେଲକୋଇ, ୧୮ ।୪(ସମିସ): ତେଲକୋଇ ବ୍ଲକସ୍ଥିତ ଓରିଗାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାବର୍ଷ (୨୦୨୫-୨୬) ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଅଧକ୍ଷ ରଘୁନାଥ ପରିଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା।



ଏଥିରେ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ଅଧକ୍ଷ ବିଦ୍ୟାଳୟର ଭିଏମଡିସିର ସଦସ୍ୟ ତଥା ବ୍ଲକର ତହସିଲଦାର ଅନୁପମା ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସଭାପତି କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ମୁଖ୍ୟଅତିଥି ୯୦% ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସଫଳତା କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପୂଜା ସିଂ ପରିଚାଳନା କରିଥିବା ବେଳେ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଅଭିଭାବକ ସହଯୋଗ କରିଥିଲେ।

## ଅମୀୟ ପାଇବେ ଆନନ୍ଦପୁର ସାରସ୍ୱତ ଗଳ୍ପ ସମ୍ମାନ

ଆନନ୍ଦପୁର, ୧୮ ।୪ (ସମିସ)




୨୦୨୫ ପାଇଁ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଆନନ୍ଦପୁର ଲେଖକ ସମବାୟ ସମିତି ପକ୍ଷରୁ ସାରସ୍ୱତ ସମ୍ମାନ ଘୋଷଣା କରାଯାଇଛି। ସମିତିର ସଭାପତି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ସମାରୋହର ପ୍ରସ୍ତୁତି ବୈଠକରେ ଆନନ୍ଦପୁର ସାରସ୍ୱତ ଗଳ୍ପ ସମ୍ମାନ-୨୦୨୫ ଅମିୟ ବେଜ କେନ୍ଦୁଝର, ସାରସ୍ୱତ କବିତା ସମ୍ମାନ-୨୦୨୫ ନିରୁପମା ବେହେରା କଟକ, ସ୍ୱତନ୍ତ୍ର ସାରସ୍ୱତ କବିତା ସମ୍ମାନ-୨୦୨୫ ପତିତପାବନ ରାଉତ କନ୍ଧମାଳ, ପୂର୍ଣ୍ଣ ଦାସ ଯାଜପୁର ଓ ସମିତି ସମ୍ବର୍ଦ୍ଧନା ଯୁବ କବି ଦିଲ୍ଲୀପ କୁମାର ସାହୁଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୬ ତାରିଖ ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବରେ ସମ୍ମାନ ଫଳକ ସହିତ ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଧାୟକ ଘସିପୁରା ବଦ୍ରିନାରାୟଣ ପାତ୍ର, ବିଧାୟକ ଆନନ୍ଦପୁର ଅଭିମନ୍ୟୁ ସେଠୀ ବିଶେଷ ଅତିଥି, ମୁଖ୍ୟଅତିଥି ଭାବେ ବରିଷ୍ଠ ସାରସ୍ୱତ ସାଧକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ସୁରେଶ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ସୌଭାଗ୍ୟମୟୀ ନାୟକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ରମାକାନ୍ତ ନାୟକ, ଡକ୍ଟର ପ୍ରଦୀପ ମହାନ୍ତି, କୀର୍ତ୍ତନ ସାହୁ, ଡ. ଅଶୋକ ପୁହାଣ, ଅନୀଲ ସାହୁ ଓ ସଂପାଦକ ରତ୍ନାକର ଦାସ ଉପସ୍ଥିତ ଥିଲେ।

## କନକ ମଞ୍ଜରୀ ବାଲ୍ ଶିକ୍ଷାସଂସ୍ଥାନର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୮ ।୪ (ସମିସ): ଆନନ୍ଦପୁରର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ୩୮ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ମ୍ୟୁନିସିପାଲିଟି ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ କମଲ କୁମାର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଆଚାର୍ଯ୍ୟା ରଶ୍ମିତା ସିଂଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସହକାରୀ ଆଚାର୍ଯ୍ୟ ସତ୍ୟଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଭାବେ ମନୀଷା ପ୍ରିୟଦର୍ଶିନୀ, ପ୍ରଶାନ୍ତ ରାୟ, ପବିତ୍ରା ନାୟକ, ସୁର୍ଯ୍ୟାଂଶୁ ରାଉତ, ବିବେକାନନ୍ଦ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ରବିନ୍ଦ୍ର କୁମାର ସାହୁ, ନଟବର ସାହୁ, କାଳନ୍ଦୀ ମହାରଣା, ଚିତ୍ରସେନ ସାହୁ ଆଚାର୍ଯ୍ୟାଙ୍କ ମଧ୍ୟରେ ରୋନାଲୀ ଜେନା, ଜ୍ୟୋତ୍ସ୍ନାମୟୀ ନାଏକ, ସ୍ନିଗ୍ଧାସରିତା ମହାରଣା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଶ୍ରୀୟାଶ୍ରୀ ମହାରଣା, ପଦ୍ମିନୀ ରାଉତ, ଦୀପ୍ତିମୟୀ ବେହେରା, ସେବକ ଶଙ୍କର୍ଷଣ ରାଉତ, ମନୋଜ ସାହୁ ଏବଂ ସେବିକା ଶାନ୍ତି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଉଖୁଣ୍ଡାରେ ହନୁମାନ ଜୟନ୍ତୀ

ଝୁମ୍ପୁରା, ୧୮ ।୪(ସମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡା ଡିପାସାହିଠାରେ ତିନିଦିନ ଧରି ମହାବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସୁସଜ୍ଜିତ ତୋରଣ ଓ ରଂଗୀନ ଆଲୋକମାଳାରେ ପୂଜାସ୍ଥଳ ବେଶ୍ ଆକର୍ଷଣୀୟ ହୋଇଥିଲା। କମିଟିର ମୁଖ୍ୟ ଚନ୍ଦ୍ରଶେଖର ମହାନ୍ତ ଓ ଜାୟାମନୀ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ନାୟକ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ତ୍ରିବେଣୀ ମହାନ୍ତ, ବେଣୁଧର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନୀତିକାନ୍ତ ମଧ୍ୟରେ ପୂଜାପାଠ ହେବାସହ ତିନି ଦିନଧରି ମନୋରଞ୍ଜନ କାର୍ଯ୍ୟକ୍ରମ ବାଦ ପାଲାରେ ଗାୟକ ସୁଶାନ୍ତ ପରିଡା (ପୁରୀ) ଓ ଗାୟକ ଶାକ୍ୟ ବାରିକ (ମୟୂରଭଞ୍ଜ) ପାଲା ପରିବେଷଣ କରିଥିଲେ। ପାଗ ଭଲ ଥିବାରୁ ବହୁ ସଂଖ୍ୟାରେ ଭିଡ଼ ପାରିଲକ୍ଷିତ ହୋଇଥିଲା। ଦିଲୀପ ମହାନ୍ତ, ଯୁଗେଶ୍ୱର ମହାନ୍ତ, ଦୁଃଖବନ୍ଧୁ ମହାନ୍ତ, ବୀଣାପାଣି ମହାନ୍ତ, କଣ୍ଟକାନ୍ତ ନାଏକ, ରୀନା ମହାନ୍ତ ତଥା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସଫଳତା

ଚମ୍ପୁଆ,୧୮ ।୪(ସମିସ): ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସିବିଏସଇ ବୋର୍ଡ ଦଶମ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ୧୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।



ସେଥିମଧ୍ୟରୁ ୯୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ସର୍ବୋଚ୍ଚ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧିକରିଛନ୍ତି। ୯୦ ପ୍ରତିଶତରୁ ଅଧିକ ୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲାବେଳେ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ୨୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୭୦ରୁ ୮୦ ପ୍ରତିଶତ ମଧ୍ୟରେ ୨୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତାରେ ବିଦ୍ୟାଳୟର ସଭାପତି ତଥା ନିର୍ଦ୍ଦେଶକ କେଶବଚନ୍ଦ୍ର ମହାନ୍ତ, ଅଧକ୍ଷ ରସକିନ୍‌ନେ ସାମେଟିଲ୍, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ପଲିଥିନ୍ ତଳେ ରୋଗୀଣା ପୁଅ ସହ ବୃଦ୍ଧଙ୍କ ଜୀବନ

## ଘର ପାଇଁ ଗୁହାରି କରି ବି ମିଳୁନି ସହାୟତା

ତୁରୁମୁଙ୍ଗା, ୧୮ ।୪(ସମିସ)

ନିଦାଘ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ମଣିଷ ଯେଉଁଠି ଛାଇ ଖୋଜୁଛି ସେଠି ଜଣେ ବୃଦ୍ଧ ତାଙ୍କ ରୋଗୀ ପୁଅ ସହ ପଲିଥିନ ତଳେ ଜୀବନ ବିତାଉଛନ୍ତି। କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ମଲାରପଦା ପଞ୍ଚାୟତର ବିନିଦା ଗ୍ରାମର ୭୦ ବର୍ଷୀୟ ମିଛୁଆ ପାତ୍ରଙ୍କ ଏହି ଦୁଃଖଦ ଚିତ୍ର ସଭ୍ୟ ସମାଜକୁ ବିବ୍ରତ କରୁଛି। ଘର ନଥିବାରୁ ସେ ବାଉଁଶ ବଣ ପଡ଼ିଆରେ ପଲିଥିନ ତମ୍ବୁ ମାରି ତାଙ୍କର ରୋଗାକ୍ରାନ୍ତ ପୁଅ ବାବୁଲି ପାତ୍ର (୩୦) ସହ ରହୁଛନ୍ତି। ପୂର୍ବରୁ ଥିବା ଝାଟି ମାଟି ଘର ଭାଙ୍ଗିଯିବା ପରେ ସେ ଘର ଖଣ୍ଡିଏ ପାଇଁ ବାରମ୍ବାର ପ୍ରଶାସନଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସହାୟତା ମିଳିନାହିଁ। ଫଳରେ ବୟସର ଅପରାହ୍ନରେ ସେ ଏବେ ପଲିଥିନ ତମ୍ବୁ ତଳେ ଜୀବନ କାଟୁଛନ୍ତି। ପୂର୍ବରୁ ମିଛୁଆ ଓ ତାଙ୍କ ପୁଅ ଏକ ହୋଟେଲରେ



କାମ କରି ଜୀବନ ଚଳାଉଥିଲେ। ଦୁହେଁ ଟିବି ରୋଗରେ ଆକ୍ରାନ୍ତ ହେବା ପରେ ଏବେ କାମ କରିବାକୁ ଅସମର୍ଥ ହୋଇପଡ଼ିଛନ୍ତି। ଅର୍ଥାଭାବରୁ ପୁଅଙ୍କର ଠିକ୍ ଚିକିତ୍ସା ମଧ୍ୟ ହୋଇପାରୁନାହିଁ।

ସରକାରୀ ଯୋଜନା କହିଲେ, ମିଛୁଆ ପାତ୍ରଙ୍କୁ କେବଳ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ମାସକୁ ୧୦ କେଜି ଚାଉଳ ମିଳୁଛି। ସେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ସେଥିରୁ ବଞ୍ଚିତ ରହିଛନ୍ତି। ଘର ଖଣ୍ଡିଏ ସହ ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ମିଛୁଆ କହିଛନ୍ତି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଘର, ଭତ୍ତା ସହ ପୁଅକୁ ଚିକିତ୍ସା ସୁବିଧା ଯୋଗାଇବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଏନେଇ ସାହାରପଡା ବିଡ଼ିଓ ରଣଜିତ ମହାନ୍ତ କହିଛନ୍ତି, ସେ ଖୁବଶୀଘ୍ର ଘଟଣାସ୍ଥଳକୁ ଯିବା ସହ ସରକାରୀ ସହାୟତା ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନେବେ।

## ପରିତ୍ୟକ୍ତ ଖଣିର ଖାଲ ପାଣିରେ ବୁଡ଼ି ଯୁବକ ମୃତ

ଯୋଡ଼ା,୧୮ ।୪ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଚଡକମରାଠାରେ ଥିବା ଏକ ପରିତ୍ୟକ୍ତ ଖଣିର ଖାଲରେ ଜମା ହୋଇଥିବା ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଚଡକମରା ଗ୍ରାମର ମାନସିଂହ ମୁଣ୍ଡା (୨୨)। ଅପରାହ୍ନ ପ୍ରାୟ ୩ଟାରେ ଶୌଚ କରିବା ପାଇଁ ସେଠାକୁ ଯାଇଥିଲେ। କୌଣସି କାରଣରୁ ସେଠାରେ ଗୋଡ଼ ଖସିଯିବାରୁ ମାନସିଂ ବୁଡ଼ି ଯାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଟିମ୍ ଘଟଣାର ଅନୁଧ୍ୟାନ କରିବା ପରେ ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ନଂ ୧୧/୨୦୨୬ ଥାନାରେ ରୁଜୁ ହୋଇଥିବା ଆଇଆଇସି ଯୋସ୍‌କେତନ ଭୋଇ ସୂଚନା ଦେଇଛନ୍ତି। ପ୍ରାୟ ୨୦ ବର୍ଷ ପୂର୍ବରୁ ଉକ୍ତ ଖଣିଟି ଏସଏଲ ମାଇନିଂ ଦ୍ୱାରା ଖନନ କାର୍ଯ୍ୟ ଚାଲିଥିଲା। ପରେ ଲିଜ ଅବଧି ସରିଗଲା ପରେ ଖଣିଟି ପରିତ୍ୟକ୍ତ ହୋଇ ପଡ଼ି ରହିଛି। ଖଣି ଖନନ ଦ୍ୱାରା ପ୍ରାୟ ୬୦/୭୦ ଫୁଟର ଖାଲ ଉକ୍ତ ସ୍ଥାନରେ ରହିଥିବା ବେଳେ ସେଥିରେ ବର୍ଷା ଜଳ ଜମି ପୋଖରୀ ପରି ହୋଇଛି। ଏହି ଖଣିର ଖାଲରେ ଜମା ହୋଇ ରହିଥିବା ପାଣିକୁ ନିକଟ ଉଞ୍ଚାବାଲି ଓ ଚଡକମରାର ଲୋକ ଦୈନନ୍ଦିନ ଚଳଣିରେ ବ୍ୟବହାର କରୁଥିବା ବେଳେ ସମୟ ବ୍ୟବଧାନରେ ଏଭଳି ଅଘଟଣ ସାମନାକୁ ଆସୁଛି।

## ଦୋକାନରୁ ଚୋରି ଅଭିଯୋଗ

ଯୋଡା,୧୮ ।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡାସ୍ଥିତ ଆମ ବାଗାନ ନିକଟରେ ରହିଥିବା ଦୁଇଟି ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେଠାରେ ଥିବା ରାକେଶ ପଣ୍ଡାଙ୍କ ଜଳଖିଆ ଦୋକାନର ତିନୋଟି ତାଲା ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ପଶି ଦୋକାନରେ ଥିବା ମ୍ୟୁଜିକ୍ ସିଷ୍ଟମ୍, ଗ୍ରାଇଣ୍ଡର, ଦୋକାନ ସାମଗ୍ରୀ ଓ ଦୋକାନରେ ଥିବା ତମ୍ବା ତାର କେବୁଲ୍ ପ୍ରଭୃତି ପ୍ରାୟ ୧୫ ହଜାର ଟଙ୍କାର ସାମଗ୍ରୀ ଚୋରି କରି ନେଇଥିଲେ। ସେହିପରି ନିକଟରେ ଥିବା ସମୀର ଦାସଙ୍କ ଦୋକାନ ଘରେ ପଶି ସେଠାରୁ ମଧ୍ୟ ନ ବିଦ୍ୟୁତ୍ ସାମଗ୍ରୀ ଓ ତମ୍ବା ତାର କାଟି ନେଇଥିବା ଜଣାପଡିଛି। ଏ ସମ୍ପର୍କରେ ଶନିବାର ସକାଳେ ଦୋକାନ ମାଲିକମାନେ ଜାଣି ଯୋଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଯୌତୁକ ନିର୍ଯାତନା; ଅଭିଯୁକ୍ତ ସ୍ୱାମୀ ଗିରଫ



ହାଟଡ଼ିହୀ,୧୮ ।୪(ସମିସ): ନନ୍ଦିପଦା ଥାନା ବାହାରିପୁର ଗ୍ରାମର ଜଣ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ଅଭିଯୋଗରେ ନନ୍ଦିପଦା ପୁଲିସ ଅଭିଯୁକ୍ତ ସ୍ୱାମୀ ରଞ୍ଜନ ଜେନାଙ୍କୁ ଗିରଫ କରିଛି। ଗ୍ରାମର ଭାଗୀରଥି ଜେନାଙ୍କ ପୁଅ ରଞ୍ଜନ (୩୦), ତାଙ୍କ ସ୍ତ୍ରୀ ରାଜଶ୍ରୀ ଜେନାଙ୍କୁ ଯୌତୁକ ଦାବିକରି ବିଭିନ୍ନ ସମୟରେ ନାନାଦି ପ୍ରକାରର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ରାଜଶ୍ରୀ ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇ ସ୍ୱାମୀ ରଞ୍ଜନ ବିରୋଧରେ ଯୌତୁକ ଦାବିରେ ନାନାଦି ପ୍ରକାରର ନିର୍ଯାତନା ନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ କେସ୍ ନଂ ୧୫୦/୨୬ରେ ମାମଲା ରୁଜୁକରି ରଞ୍ଜନ ଜେନାକୁ ଗିରଫ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ତେଲକୋଇ, ୧୮ ।୪(ସମିସ): ତେଲକୋଇ ବ୍ଲକ ଛାମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ୍ ରମାକାନ୍ତ ସାହୁଙ୍କ (୭୨) ପରଲୋକ ଘଟିଛି। ଶ୍ରୀ ସାହୁ ଦୀର୍ଘଦିନ ହେବ ହୃଦ୍‌ଘାତଜନିତ ରୋଗରେ ପୀଡ଼ିତ ଥିବା ବେଳେ କିଛିଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗତ ଶୁକ୍ରବାର ଶ୍ରୀ ସାହୁଙ୍କ ମୃତ୍ୟୁ ହୋଇଛି। ତେବେ ଶ୍ରୀ ସାହୁ ଜଣେ ବଳିଷ୍ଠ ପରୋପକାରୀ ଓ ସମାଜସେବୀ ଭାବେ ପରିଚିତ ଥିଲେ। ଛାମୁଣ୍ଡା ଗ୍ରାମର ଉଚ୍ଚବିଦ୍ୟାଳୟ ଓ ଅଶି ଦଶକରେ ନିର୍ମାଣ ହୋଇଥିବା ସିଟି ସ୍କୁଲ ନିର୍ମାଣରେ ଶ୍ରୀ ସାହୁଙ୍କର ଅବଦାନ ରହିଥିଲା। ଗ୍ରାମକୁ ଏକତ୍ରିତ କରି ରଖିବାରେ ତାଙ୍କ ପ୍ରମୁଖ ଭୂମିକା ରହିଛି। ଛାମୁଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ସେ ଅବସର ଗ୍ରହଣ କରିଥିଲେ। ଶ୍ରୀ ସାହୁଙ୍କ ବିୟୋଗରେ ଛାମୁଣ୍ଡା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସିନେମା ହଲ୍ ଛକରେ ଜଳଛତ୍ର ଆରମ୍ଭ



ଆନନ୍ଦପୁର, ୧୮ ।୪ (ସମିସ): ଆନନ୍ଦପୁର ପୌରପାଳିକା ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଲଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ୱାର୍ଡରେ ଜନସାଧାରଣଙ୍କ ପାଇଁ ଜଳଛତ୍ର ଖୋଲାଯାଉଛି। ରବିବାର ସିନେମା ହଲ ଛକରେ ଏକ ଜଳଛତ୍ର କେନ୍ଦୁଝର ଯୁବ ବିଜେଡି ସଭାପତି ରାକେଶ କୁମାର ରାମଙ୍କ ଦ୍ୱାରା ଉଦଘାଟିତ ହୋଇଛି। କାଉନସିଲର ସୁରେନ୍ଦ୍ର କୁମାର ଦାସଙ୍କ ସଂଯୋଜନାରେ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବଲ ବିଜେଡି ନେତା ରମାକାନ୍ତ ବେହେରା ସପନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସାଇଁକୁଳ ବରମୂଳସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ

ଆନନ୍ଦପୁର, ୧୮ ।୪ (ସମିସ)

କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁଳ ଜଗନ୍ନାଥପୁର ଗ୍ରାମର ବରମୂଳସାହିରେ ଚତୁର୍ଥ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୫ଟି ସଂକୀର୍ତ୍ତନ ମେଳ ଉପସ୍ଥିତ ଭାଗ ନେଇଥିଲେ।



ବୁଧବାର ସନ୍ଧ୍ୟାରେ ବ୍ରତଧାରୀମାନେ ଗ୍ରାମସ୍ଥିତ ପୁଷ୍କରିଣୀରୁ କଳସରେ ଜଳ ସଂଗ୍ରହ କରି ନାମଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ବାବା କୃଷ୍ଣ ଦାସ (କୁନି ବାବା)ଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାମ ନାମଯଜ୍ଞ ଆରମ୍ଭ କରାଯାଇଥିଲା। ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ଥିଲେ। ଶୁକ୍ରବାର ଅପରାହ୍ନରେ ପ୍ରଭୁ ନିତାଇ ଗୌରଙ୍କୁ ବିଷ୍ଣୁଚରଣ ସାମଲ, ବିଜୟ ସାମଲ, ରଞ୍ଜନ ପରିଡ଼ା ଗ୍ରାମ ପରିକ୍ରମା କରାଇଥିଲେ। ଏହି ପରିପେକ୍ଷୀରେ ସାଇଁକୁଳ ଗ୍ରାମରେ ଶଙ୍ଖ ହୁଳୁହୁଳି ଓ ହରିନାମରେ ଭକ୍ତିମୟ ଭାବମୟ ଆନନ୍ଦମୟ ଶାନ୍ତିମୟ ପରିବେଷ ସୃଷ୍ଟି ହୋଇଥିଲା। ସଂଧ୍ୟାରେ ଯଜ୍ଞ ଶେଷ କରିବା ପରେ ପୂର୍ଣ୍ଣାହୁତି ସହ ଦଧି ହାଣ୍ଡି ଭଙ୍ଗା ଯାଇଥିଲା। ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅଷ୍ଟପ୍ରହରୀ କମିଟିର ସଦସ୍ୟ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଆନନ୍ଦପୁର ବଡ଼ବଜାରରେ ୨୪ ପ୍ରହର ନାମଯଜ୍ଞ

ଆନନ୍ଦପୁର, ୧୮ ।୪ (ସମିସ)



ଆନନ୍ଦପୁର ସହରର ବଡବଜାରରେ ବାର୍ଷିକ ଚବିଶ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଏହି ନାମଯଜ୍ଞରେ ପ୍ରାୟ ୨୫ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ପବିତ୍ର ବୈତରଣୀ ଜଳରେ କଳସ ଅଣାଯାଇ ଘଟ ସ୍ଥାପନ କରାଯିବା ପରେ ଅଧିବାସ ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ଦଳର ଗୌରଭକ୍ତଙ୍କୁ ଚବିଶ ପ୍ରହରୀ କମିଟି ପକ୍ଷରୁ ସ୍ୱାଗତ କରିବା ସହ ସେମାନଙ୍କର ସମସ୍ତ ବ୍ୟବସ୍ଥା କରିଥିଲେ। ସନ୍ଧ୍ୟାରେ ବ୍ରତଧାରୀମାନେ ନାମଯଜ୍ଞ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାମ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା। ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ଥିଲେ। ତିନିଦିନ ଧରି ହରିନାମ ସଂକୀର୍ତ୍ତନ ହେବାପରେ ଆଜି ଅପରାହ୍ନରେ ପ୍ରଭୁ ନିତାଇଗୌରଙ୍କ ଚିତ୍ର ସହିତ ଗୌରଭକ୍ତମାନେ ନଗର ଭ୍ରମଣ କରିଥିଲେ। ଶଙ୍ଖ ହୁଳୁହୁଳି ଓ ହରିନାମରେ ଭକ୍ତିମୟ ଭାବମୟ ଆନନ୍ଦମୟ ଶାନ୍ତିମୟ ପରିବେଷ ସୃଷ୍ଟି ହୋଇଥିଲା। ସଂଧ୍ୟାରେ ଯଜ୍ଞ ଶେଷ କରିବା ପରେ ପୂର୍ଣ୍ଣାହୁତି ସହ ଦଧି ହାଣ୍ଡି ଭଙ୍ଗା ଯାଇଥିଲା। ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଚବିଶ ପ୍ରହରୀ କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

